# NATIONAL NEWS BULLETIN (ODIA)
## 09th April - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସୁବାସ ଚନ୍ଦ୍ର ଶତପଥୀ**

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଓ ପୁଡୁଚେରୀ ବିଧାନସଭା ନିର୍ବାଚନରେ ଶେଷ ହେଲା ଭୋଟ୍‌ଗ୍ରହଣ ।

— ଅପରାହ୍ନ ୫ଟା ସୁଦ୍ଧା ଆସାମରେ ୮୪, କେରଳମ୍‌ରେ ୭୫ ଏବଂ ପୁଡୁଚେରୀରେ ୮୬ ପ୍ରତିଶତରୁ ଅଧିକ ମତଦାନ ।

- ପୁଷ୍ଟିସାର ଖାଦ୍ୟ ଗ୍ରହଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଲେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ।

- ଗବେଷଣା ଓ ବିକାଶ କ୍ଷେତ୍ରରେ ଅଧିକରୁ ଅଧିକ ଅଂଶଗ୍ରହଣ କରିବାକୁ ଘରୋଇ କ୍ଷେତ୍ରକୁ ସରକାରଙ୍କ ଆହ୍ୱାନ ।

- ଭାରତରୁ ୨୦୦ଟି ବ୍ରଡ୍‌ଗେଜ୍ ରେଳ କୋଚ୍ ଆମଦାନୀ କରିବ ବାଂଲାଦେଶ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି କୋଲ୍‌କାତା ନାଇଟ୍ ରାଇଡର୍ସ ବିପକ୍ଷରେ ବୋଲିଂ କରିବାକୁ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌ର ନିଷ୍ପତ୍ତି ।

## ଆସେମ୍ବ୍ଲି ଇଲେକ୍‌ସନ୍‌ସ ପୋଲିଙ୍ଗ୍

ଆସାମ, କେରଳମ୍ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଶେଷ ହୋଇଛି । ଆସାମର ୧୨୬ଟି, କେରଳମ୍‌ର ୧୪୦ଟି ଏବଂ ପୁଡୁଚେରୀର ୩୦ଟି ଆସନପାଇଁ ଆଜି ମତଗ୍ରହଣ କରାଯାଇଛି । ପ୍ରାଥମିକ ଆକଳନ ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ଆସାମରେ ୮୪ ଦଶମିକ ୪/୨ ପ୍ରତିଶତ, କେରଳମ୍‌ରେ ୭୫ ଦଶମିକ ୦/୧ ଏବଂ ପୁଡୁଚେରୀରେ ୮୬ ଦଶମିକ ୯/୨ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଆସାମର ଦକ୍ଷିଣ ସାଲମାରା ମନ୍‌କାଚର ଜିଲ୍ଲାରେ ସବୁଠାରୁ ଅଧିକ ୯୪ ଦଶମିକ ୦/୮ ପ୍ରତିଶତ ମତଦାନ ହୋଇଛି । କେରଳମ୍‌ର କୋଝିକୋଡ଼ିରେ ରାଜ୍ୟର ସର୍ବାଧିକ ୭୭ ଦଶମିକ ୬/୩ ପ୍ରତିଶତ ଭୋଟ୍‌ଗ୍ରହଣ ହୋଇଥିବା ଜଣାପଡ଼ିଛି ।

ଆଜି ଅନୁଷ୍ଠିତ ଉପନିର୍ବାଚନଗୁଡ଼ିକରେ ମଧ୍ୟ ମତଦାନ ଶେଷ ହୋଇଛି । କର୍ଣ୍ଣାଟକର ବାଗଲ୍‌କୋଟ୍ ଉପନିର୍ବାଚନରେ ସନ୍ଧ୍ୟା ୫ଟା ସୁଦ୍ଧା ୬୫ ଦଶମିକ

୬।୮ ପ୍ରତିଶତ ମତଦାନ ହୋଇଥିଲା । ଦକ୍ଷିଣ ଦାବନାଗେରେ'ରେ ୬୩ ଦଶମିକ ୦/୪ ପ୍ରତିଶତ ମତଦାନ ହୋଇଛି । ନାଗାଲାଣ୍ଡର ମୋକୋକ୍‌ଚୁଙ୍ଗ୍ ଜିଲ୍ଲାରେ ମତଦାନ ୮୦ ଦଶମିକ ୬/୨ ପ୍ରତିଶତ ହୋଇଥିବା ଜଣାପଡ଼ିଛି । ତ୍ରିପୁରାର ଧର୍ମନଗର ଆସନରେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ୭୯ ଦଶମିକ ୮/୪ ପ୍ରତିଶତ ହୋଇଥିବା ରେକର୍ଡ଼ କରାଯାଇଛି ।

ତାମିଲ୍‌ନାଡୁରେ ଗୋଟିଏ ପର୍ଯ୍ୟାୟ ଏବଂ ପଶ୍ଚିମ ବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନପାଇଁ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଥିଲା । ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ଆଜି ଶେଷ ହୋଇଛି । ନିର୍ବାଚନର ଭୋଟ୍ ଗଣତି ଆସନ୍ତାମାସ ୪ ତାରିଖରେ ଅନୁଷ୍ଠିତ ହେବା ସହ ଫଳାଫଳ ଘୋଷଣା ହେବା ନେଇ କାର୍ଯ୍ୟସୂଚୀ ରହିଛି ।

## ପୋଷଣ ପଖ୍ୱାଡ଼ା

ପୁଷ୍ଟିସାର ଖାଦ୍ୟ ଗ୍ରହଣକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ପୋଷଣ ପକ୍ଷ-୨୦୨୬ର ଅଷ୍ଟମ ସଂସ୍କରଣକୁ ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀମତୀ ଦେବୀ କହିଛନ୍ତି, ସ୍ୱଚ୍ଛତା ଶିକ୍ଷାଠାରୁ ପୁଷ୍ଟିସାର ଅଭ୍ୟାସ ପର୍ଯ୍ୟନ୍ତ କ୍ଷେତ୍ରକୁ ଅଧିକ ଲୋକାଭିମୁଖୀ କରିବାରେ ଏଭଳି ପକ୍ଷ ଗୁରୁତ୍ୱପୂର୍ଣ୍ଣ

ସାବ୍ୟସ୍ତ ହେଉଛି । ସେ କହିଛନ୍ତି, ଦେଶର ଭବିଷ୍ୟତ ମାନବସମାଜ ଗଠନରେ ଅଙ୍ଗନୱାଡ଼ି କର୍ମୀ ଏ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି । ଅଙ୍ଗନୱାଡ଼ି, ଆଶା ଏବଂ ଅନ୍ୟାନ୍ୟ କର୍ମୀ ଏଭଳି ପ୍ରୟାସର ମେରୁଦଣ୍ଡ ବୋଲି ମନ୍ତ୍ରୀ ଶ୍ରୀମତୀ ଦେବୀ ବର୍ଣ୍ଣନା କରିଛନ୍ତି । ଦେଶବ୍ୟାପୀ ପୁଷ୍ଟିସାର ଫଳାଫଳକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିଥିବା ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଚିହ୍ନଟ କରାଯିବା ସହ ଏହାକୁ ଅଧିକ ବ୍ୟାପକ କରିବାକୁ ସରକାର ପ୍ରୟାସ କରିବେ ବୋଲି ଶ୍ରୀମତୀ ଦେବୀ କହିଛନ୍ତି ।

***Voice (Annapurna Devi)*** :.......

ଏହି ଅବସରରେ ମନ୍ତ୍ରୀ ଶ୍ରୀମତୀ ଦେବୀ' ଦେଶରୁ ରକ୍ତହୀନତା ଏବଂ କୁପୋଷଣ ଦୂର କରିବାପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଛନ୍ତି । ଶିଶୁଙ୍କ କ୍ଷେତ୍ରରେ ପୁଷ୍ଟିସାର ଅଭ୍ୟାସକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପାରମ୍ପରିକ ଖାଦ୍ୟ ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀମତୀ ଦେବୀ ପୋଷଣ ଟ୍ରାକର୍ ଆପ୍‌ରେ ହୋମ୍ ଭିଜିଟ୍ ସିଡ୍ୟୁଲ୍‌ର ଶୁଭାରମ୍ଭ କରିଛନ୍ତି ।

## ଇଣ୍ଡିଆ-ସ୍ୱିଡେନ୍ - ଏଫ୍.ଓ.ସି.

ଭାରତ-ସ୍ୱିଡେନ୍ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶଦାତା ଅଷ୍ଟମ ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିଛନ୍ତି । ବାଣିଜ୍ୟ ଓ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା, ନବସୃଜନ, ଲୋକସମ୍ପର୍କ ଏବଂ ରାଜନୈତିକ କ୍ଷେତ୍ରରେ ସମ୍ପର୍କ ବୃଦ୍ଧିପାଇଁ ଉଭୟ ଦେଶ ସହମତ ହୋଇଛନ୍ତି । ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବାରୁ ଏହା ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି କୁହାଯାଇଛି । । ଉଭୟ ଦେଶ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିତ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ବିନିମୟ କରିଛନ୍ତି ।

## ଜିତେନ୍ଦ୍ର  - ନୀତିଆୟୋଗ ରିପୋର୍ଟ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ’ ଗବେଷଣା ଓ ବିକାଶ କ୍ଷେତ୍ରରେ ଅଧିକରୁ ଅଧିକ ଅଂଶଗ୍ରହଣ କରିବାକୁ ଘରୋଇ କ୍ଷେତ୍ରଗୁଡ଼ିକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ସିଂହ କହିଛନ୍ତି, ଭାରତର ନବସୃଜନ ଇକୋସିଷ୍ଟମ୍‌କୁ ଅଧିକ ଉନ୍ନତ କରିବାପାଇଁ ଘରୋଇ କ୍ଷେତ୍ରର ବର୍ଦ୍ଧିତ ଅଂଶଗ୍ରହଣ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ନୂଆଦିଲ୍ଲୀରେ ଆଜି ଗବେଷଣା ଓ ବିକାଶ ପ୍ରକ୍ରିୟାକୁ ସହଜ କରିବା ଉପରେ ନୀତି ଆୟୋଗର ଦୁଇଟି ରିପୋର୍ଟ ପ୍ରକାଶ କରିବା ଅବସରରେ ମନ୍ତ୍ରୀ ଶ୍ରୀ ସିଂହ’ ଘରୋଇ ଉଦ୍ୟୋଗମାନଙ୍କପାଇଁ ମହାକାଶ ଓ ପରମାଣୁ ଶକ୍ତି ଭଳି କ୍ଷେତ୍ରକୁ ଉନ୍ମୁକ୍ତ କରିବା ଏବଂ ଗବେଷଣା

ବିକାଶ ଓ ନବସୃଜନ ପାଣ୍ଠି ଭଳି ସରକାରୀ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ଡକ୍ଟର ସିଂହ' ଗବେଷଣାର ସହଜତାକୁ ଉନ୍ନତ କରିବାପାଇଁ ପଦ୍ଧତିଗତ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭାରତରେ ପ୍ରତିଭାସମ୍ପନ୍ନ ବୈଜ୍ଞାନିକ ଥିଲେ ମଧ୍ୟ ପ୍ରକ୍ରିୟାଗତ ବିଳମ୍ବ ଏବଂ କାର୍ଯ୍ୟକାରିତାରେ ସ୍ପଷ୍ଟ ଆହ୍ୱାନ ଗବେଷଣା ଫଳାଫଳ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ବାଂଲାଦେଶ - ରେଲ୍ କୋଚ୍ ଇମ୍ପୋର୍ଟ

ବାଂଲାଦେଶ ୨୦୦ଟି ବ୍ରଡ୍‌ଗେଜ୍ ରେଲକୋଚ୍ ଭାରତରୁ ଆମଦାନୀ କରିବ ବୋଲି ବାଂଲାଦେଶର ରେଳମନ୍ତ୍ରୀ ଶେଖ ରବିଉଲ୍ ଆଲାମ କହିଛନ୍ତି । ସେଠାକାର ସଂସଦରେ ଆଜି ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଆଲାମ କହିଛନ୍ତି, ଚଳିତ ବର୍ଷରୁ କୋଚ୍ ଆମଦାନୀ ଆରମ୍ଭ ହୋଇ ଆସନ୍ତାବର୍ଷ ଡିସେମ୍ବର ସୁଦ୍ଧା ଶେଷ ହେବ । ୟୁରୋପୀୟ ନିବେଶ ବ୍ୟାଙ୍କ୍'ର ଆର୍ଥିକ ସହାୟତାରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି । ଭାରତରୁ ଆମଦାନୀ ହୋଇଥିବା କୋଚ୍‌ଗୁଡ଼ିକ ବାଂଲାଦେଶର ରେଳ ଫ୍ଲିଟ୍‌ରେ ସଂଯୋଗୀକରଣ କାର୍ଯ୍ୟ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଆସନ୍ତା ଜୁନ୍ ମାସରୁ ଆସନ୍ତା ବର୍ଷ ଡିସେମ୍ବର ମଧ୍ୟରେ ଏହା ସମ୍ପନ୍ନ ହେବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି । ବାଂଲାଦେଶ ସରକାର ରେଳ ଆଧୁନିକୀକରଣ ପାଇଁ ବହୁବିଧ

ପଦକ୍ଷେପ ଗ୍ରହଣ କରୁଛନ୍ତି । ସେଥିମଧ୍ୟରେ ୨୬୦ଟି ଅତିରିକ୍ତ ବ୍ରଡ୍‌ଗେଜ୍ ଯାତ୍ରୀ କୋଚ୍, ୪୬ଟି ବ୍ରଡ୍‌ଗେଜ୍ ଲୋକୋମୋଟିଭ୍ ଏବଂ ୫୦ଟି ମିଟରଗେଜ୍ ଲୋକୋମୋଟିଭ୍ କ୍ରୟ କରାଯିବାର ପ୍ରସ୍ତାବ ରହିଛି ବୋଲି ଶ୍ରୀ ଆଲାମ ସଂସଦରେ ସୂଚନା ଦେଇଛନ୍ତି ।

## ଇରାନ୍ - ହେଜ୍‌ବୁଲ୍ଲା

ଲେବାନନ୍‌ରେ ହେଜ୍‌ବୁଲ୍ଲା ଗୋଷ୍ଠୀ ଉପରେ ଆକ୍ରମଣ ନେଇ ଇସ୍ରାଏଲ୍‌କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇରାନ୍ ସଂସଦର ବାଚସ୍ପତି ମହମ୍ମଦ ଗାଘେର କାଲିବାଫ୍ ଚେତାବନୀ ଦେଇଛନ୍ତି । ଇରାନ୍ ସହ ହୋଇଥିବା ଦୁଇ ସପ୍ତାହର ଯୁଦ୍ଧବିରତି ଲେବାନନ୍ କ୍ଷେତ୍ରରେ କାର୍ଯ୍ୟକାରୀ କରିବାକୁ ଶ୍ରୀ କାଲିବାଫ୍ କହିଛନ୍ତି । ଅନ୍ୟପକ୍ଷରେ ଆମେରିକା ଏବଂ ଇସ୍ରାଏଲ୍ ଉଭୟ ଏଭଳି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପାକିସ୍ତାନର ଇସ୍‌ଲାମାବାଦ୍‌ଠାରେ ଶ୍ରୀ କାଲିବାଫ୍’ ଚଳିତ ସପ୍ତାହର ଶେଷଭାଗରେ ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର ସମ୍ଭାବନା ରହିଛି ।

## ଏ.ପି. - ମାଓଇଷ୍ଟ

ଆନ୍ଧ୍ରପ୍ରଦେଶର ଆଲ୍ଲୁରି ସୀତାରାମା ରାଜୁ ଜିଲ୍ଲା ପୁଲିସ ଅଧୀକ୍ଷକ ଅମିତ ବରଦାରଙ୍କ ନିକଟରେ ୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ପୂର୍ବରୁ ଏହି କ୍ୟାଡର୍ ମାଓବାଦୀଙ୍କ ଉପରେ ସରକାର ଏକ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଘୋଷଣା କରିଥିଲେ । ଏହି ମାଓବାଦୀମାନେ ପୂର୍ବରୁ ଦକ୍ଷିଣ ବସ୍ତର ଅଞ୍ଚଳରେ ହିଡ଼ିମା ଗୋଷ୍ଠୀ ସହ କାର୍ଯ୍ୟ କରୁଥିଲେ । ସେମାନେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ସୀମାରେ ଅନେକ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ସରକାରୀ ନୀତି ଅନୁଯାୟୀ ପୁନର୍ବାସ କରାଯିବ ବୋଲି ଏସ୍.ପି. କହିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ ଅଳ୍ପ ସମୟ ପରେ କୋଲ୍‌କାତା ନାଇଟ୍ ରାଇଡର୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ ମଧ୍ୟରେ ମ୍ୟାଚ୍ ଆରମ୍ଭ ହେବ । କୋଲ୍‌କାତାର ଇଡେନ୍ ଗାର୍ଡେନ୍‌ଠାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ପ୍ରଥମେ ବୋଲିଂ କରିବା ନିଷ୍ପତ୍ତି ନେଇଛି ।

## ବ୍ୟାଡ଼୍‌ମିଣ୍ଟନ୍

ବ୍ୟାଡ଼୍‌ମିଣ୍ଟନ୍ ଏସିଆ ଚାମ୍ପିୟାନ୍‌ସିପ୍‌ର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଭାରତର ଆୟୁଷ ସେଟ୍ଟି ଉନ୍ନୀତ ହୋଇଛନ୍ତି । ଦୁଇଥରର ଅଲିମ୍ପିକ୍ସ ବିଜେତା ପି.ଭି. ସିନ୍ଧୁ ଏବଂ ପୂର୍ବତନ ବିଶ୍ୱ ଚାମ୍ପିୟନ୍‌ସିପ୍ ପଦକ ବିଜେତା ଏଚ୍.ଏସ୍. ପ୍ରଣୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପରାସ୍ତ ହୋଇଛନ୍ତି । ମିଳିତ ବର୍ଗରେ ଭାରତର ତନିସା କ୍ରାଷ୍ଟୋ ଏବଂ ଧ୍ରୁବ କପିଳା ମଧ୍ୟ ପରାଜୟ ବରଣ କରିଛନ୍ତି ।

*****